# କଏଦୀଙ୍କ ହାତରେ ମଦ ବୋତଲ ଫଟୋ ଭାଇରାଲ

## ଢେଙ୍କାନାଳ ଜେଲ ଅଧୀକ୍ଷକ କହିଲେ ବହୁ ପୁରୁଣା

ଢେଙ୍କାନାଳ,୩୦।୭(ରତନ ନାୟାର)

ଏକ ହତ୍ୟା ମାମଲାରେ ଢେଙ୍କାନାଳ ଜେଲରେ ଥିବା ଜଣେ କଏଦୀ ହାତରେ ମଦ ବୋତଲ ଧରିଛନ୍ତି। ଏପରି ଏକ ଫଟୋ ମଙ୍ଗଳବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ନେଇ ଢେଙ୍କାନାଳ ଜେଲ ଅଧୀକ୍ଷକ ଉର୍ମିଳା ମିଞ୍ଜ୍ କହିଛନ୍ତି, ଭାଇରାଲ ହୋଇଥିବା ଫଟୋ ବହୁ ପୁରୁଣା। ତେବେ ଭାଇରାଲ ହେଉଥିବା ଏହି ଫଟୋକୁ ନେଇ ସହରରେ ନାନା ଚର୍ଚ୍ଚା ଚାଲିଛି। ଢେଙ୍କାନାଳ ଜେଲରେ କଏଦୀମାନେ କିପରି ଆରାମଦାୟକ ଜୀବନଶୈଳୀ ବିତାଉଛନ୍ତି ତାହା ଏହି ଫଟୋରୁ ଦୃଶ୍ୟମାନ ହେଉଥିବା ସହରବାସୀ ଆଲୋଚନା କରୁଛନ୍ତି। ତୁରନ୍ତ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନେ ଦାବି କରିଛନ୍ତି।



ଢେଙ୍କାନାଳ ଜିଲା କାରାଗାର।


ଭାଇରାଲ ହୋଇଥିବା ଫଟୋରେ ଜଣେ କଏଦୀ ମଦ ବୋତଲ ଧରିଛନ୍ତି।

ସୂଚନା ଅନୁଯାୟୀ, ଭାଇରାଲ ହେଉଥିବା ଫଟୋରେ ହାତରେ ମଦ ବୋତଲ, ସିଗାରେଟ ଧରିଥିବା କଏଦୀ ଜଣକ ୨୦୧୭ ମସିହା ଫେବୃଆରୀରେ ଏକ ହତ୍ୟା ମାମଲାର ଅଭିଯୁକ୍ତ। ସେହି ସମୟର ପଞ୍ଚାୟତ ନିର୍ବାଚନକୁ ନେଇ ଢେଙ୍କାନାଳ ସଦର ଥାନା ତରଭା ଗ୍ରାମରେ ଉକ୍ତ ହତ୍ୟାକାଣ୍ଡ ଘଟିଥିଲା। ଏଥିରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଜେଲକୁ ପଠାଇଥିଲା। ଜେଲ ଯାଇଥିବା ଅଭିଯୁକ୍ତଙ୍କ ଭିତରେ ଜଣେ ଓଏସ୍ଏପି ବାଟାଲିୟନର କର୍ମଚାରୀ ଥିଲେ। ଅନ୍ୟ ୨ଜଣ ସେହି ସମୟରେ ବିଜୁ ଜନତା ଦଳର ଦୃଢ଼ ସମର୍ଥକ ଥିଲେ। ସମ୍ପୃକ୍ତ ହତ୍ୟା ଅଭିଯୁକ୍ତମାନଙ୍କ ଭିତରୁ ଜଣେ ହାତରେ ମଦ ବୋତଲ, ସିଗାରେଟ ଧରିଥିବାର ଫଟୋ ଭାଇରାଲ ହୋଇଛି। ଫଳରେ ଜେଲ ଭିତରେ ଆଇନଶୃଙ୍ଖଳାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଜେଲର ଚାରିକାନ୍ଥ ଭିତରେ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ କଏଦୀମାନେ କିପରି ମଦ, ସିଗାରେଟ ଓ ନିଶାଦ୍ରବ୍ୟ ବ୍ୟବହାର କରୁଛନ୍ତି ତାହା ତଦନ୍ତ ସାପେକ୍ଷ। ଏ ସଂକ୍ରାନ୍ତରେ ଢେଙ୍କାନାଳ ଜିଲା ଜେଲ ଅଧୀକ୍ଷକ ମିଞ୍ଜ୍ କହିଛନ୍ତି, ଯେଉଁ ଫଟୋ ଭାଇରାଲ ହେଉଛି, ତାହା ଏବେକାର ନୁହେଁ। ଏହା ବହୁ ପୁରୁଣା। ତଥାପି ଏହା କିପରି ଘଟିଲା, ତାହା ଆଶ୍ଚର୍ଯ୍ୟ ଲାଗୁଛି। ଏହା ଦୁର୍ଭାଗ୍ୟଜନକ।

# ଓଷ୍ଟାର ବ୍ଲକସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ

ବଇଣ୍ଡା,୩୦।୭(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଓଷ୍ଟା ପକ୍ଷରୁ ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟ ପରିସରରେ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସୁଧାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଅତିଥି ଭାବେ ରାଜ୍ୟ ଉପ ସଭାପତି ଶ୍ରୀକାନ୍ତ ସାହୁ, ଜିଲା କାର୍ଯ୍ୟକର୍ତ୍ତା ସଞ୍ଜୟ କୁମାର ସାହୁ ଯୋଗ ଦେଇଥିଲେ। ଏଥିରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଅଂଶ ଗ୍ରହଣ କରିଥିଲେ। ପରେ ବ୍ଲକର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଆଠମଲ୍ଲିକ ବ୍ଲକ ସଭାପତି ଭାବେ ଚିଦାନନ୍ଦ ଦେହୁରୀ, ଉପ ସଭାପତି ଆପଲି ପଲେଇ ଓ କଳ୍ପନା ମିଶ୍ର, ସମ୍ପାଦକ ଭାବରେ ଅଜିତ କୁମାର ସାହୁ, ସହ ସମ୍ପାଦକ ଭାବେ ସୁବଳ କୁମାର ପ୍ରଧାନ, ସଞ୍ଜୟ ମାଝୀ ଓ ଲୋପାମୁଦ୍ରା କହଁରଙ୍କୁ ମନୋନୀତ କରାଯାଇଥିଲା। ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ କମଳ ଲୋଚନ ନାୟକ, ତ୍ରିଲୋଚନ ଦେହୁରୀ ଓ ମାନସ ରଞ୍ଜନ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ଅମିୟ କୁମାର ସାହୁ, ଦୀପକ କୁମାର ପ୍ରଧାନ ଓ ସୌଦାଗର ପ୍ରଧାନ ମନୋନୀତ ହୋଇଥିଲେ।



# ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଢେଙ୍କାନାଳ, ୩୦।୭
(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବାଇଁଶିଆ ପଞ୍ଚାୟତର ବହ୍ଲବ ଗ୍ରାମସ୍ଥିତ ଶ୍ରୀଶ୍ରୀ ଜ୍ଞାନ ମନ୍ଦିର ପରିସରରେ ଏକ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ପ୍ରଶିକ୍ଷକ ଭାବେ ମନୋରଞ୍ଜନ ସ୍ୱାଇଁ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜ୍ଞାନ ମନ୍ଦିରର ପ୍ରଧାନ ଶିକ୍ଷକ ପଙ୍କଜ ଚରଣ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନ ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗ ପ୍ରଶିକ୍ଷକ ଅନ୍ତର୍ଯ୍ୟାମୀ ସାମଲ ଯୋଗଦେଇ ଶାରୀରିକ ଓ ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କରି ନେତୃତ୍ୱ ନେବାର କଳା ଏବଂ ସମାଜ ସଂସ୍କାର ଦିଗରେ କାମ କରିବାକୁ ଆହ୍ୱାନ ଦେଇଥିଲେ। ଯୋଗ ପ୍ରଶିକ୍ଷକ କାମାକ୍ଷା ପ୍ରସାଦ ଲେଙ୍କା ଗୁରୁପୂଜନ ସମ୍ପାଦନ କରିଥିଲେ। ଜ୍ଞାନମନ୍ଦିର ଶିକ୍ଷକ ରାହୁଲ ନାୟକ ଶ୍ରୀଶ୍ରୀ ରବିଶଙ୍କରଙ୍କ ମୁଖ ନିଶୃତ ବାଣୀ ପଠନ କରିଥିଲେ। ସୁକାନ୍ତି ଲେଙ୍କା ଭଜନ ପରିବେଷଣ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଚିତ୍ତରଞ୍ଜନ ପଟ୍ଟନାୟକ, ଦୀପ୍ତି ରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।



ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥିମାନେ।

# ନୂତନ କଳାକାରଙ୍କ ପ୍ରେରଣା ଥିଲେ ଶରତ ମାଝୀ

## କଳାପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଢେଙ୍କାନାଳ,୩୦।୭(ରତନ ନାୟାର)

ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ଶରତ ମାଝୀଙ୍କ ପରଲୋକରେ ମଙ୍ଗଳବାର ଢେଙ୍କାନାଳ କଳାପରିଷଦ ଅନୁଷ୍ଠାନ ପକ୍ଷରୁ ଏକ ଶୋକସଭା ଆୟୋଜନ କରାଯାଇଥିଲା। ସଭାପତି ନାଟ୍ୟକାର ଦିଲିଶ୍ୱର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଶୋକ ସଭାରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଶରତ ମାଝୀଙ୍କ କର୍ମମୟ ଜୀବନ ଓ ନାଟ୍ୟ ଜୀବନ ଉପରେ ସଦସ୍ୟମାନେ ଆଲୋଚନା କରିଥିଲେ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ(ବି)ର ସଭାପତି ଦାୟିତ୍ୱରେ ରହିଥିଲେ। କିଭଳି ମୁହଁରେ ରଙ୍ଗମାଖି ନାଟକ କରିବା ଓ ନାଟ୍ୟ ଜଗତକୁ ଆସୁଥିବା ନୂତନ କଳାକାରମାନଙ୍କୁ ସେ ପ୍ରେରଣା ଯୋଗାଉଥିବାରୁ ଏହା ତାଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଥିଲା। ଓଡ଼ିଶାରେ ବିଭିନ୍ନ ଜିଲାରେ ଥିବା ନାଟ୍ୟ ସଙ୍ଗଠନ ସହିତ ସେ ଜଡିତ ଥିଲେ। କଳାପରିଷଦ ନାଟ୍ୟ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଶତ୍ରୁଘ୍ନ ମାଟି, ପ୍ରଦୀପ ମହାନ୍ତି, ଶଶି ପାଣି, କିଶୋର ରାଉତ, ମନ୍ମଥ ପଟ୍ଟନାୟକ, ପୁଷ୍ପା ପଟ୍ଟନାୟକ, ପ୍ରବୀର ମହାନ୍ତି, ଅଶୋକ ଦାଶ, ମନୋରଞ୍ଜନ ସିଂହ, ବିନୋଦ ମହାନ୍ତି, ଲକ୍ଷ୍ମୀଧର ସାହୁ, ପୂର୍ଣ୍ଣ ଦେବତା, ଦୀପ୍ତି ମଲ୍ଲିକ, ପୃଥ୍ୱୀଦୀପ୍ତ ଭୂଷଣ୍ଡ, ଅମ୍ବିକା ପ୍ରସାଦ ପଟ୍ଟନାୟକ ଓ ଅବନୀ ମିଶ୍ର ପ୍ରମୁଖ ଯୋଗଦେଇ ଶରତ ମାଝିଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।


କଳା ପରିଷଦ ଅନୁଷ୍ଠାନ ପକ୍ଷରୁ ଶୋକସଭା।

# ଯୁବକଙ୍କୁ ପୋଲିସର ମାଡ଼ ଅଭିଯୋଗ

ଢେଙ୍କାନାଳ,୩୦।୭(ରତନ ନାୟାର)

ଢେଙ୍କାନାଳ ସହରର ଦକ୍ଷିଣକାଳୀ ଅଞ୍ଚଳରେ ସୋମବାର ରାତି ପ୍ରାୟ ସାଢ଼େ ୮ଟାରେ ପୋଲିସ ଜଣେ ଯୁବକଙ୍କୁ ଘରୁ ଟାଣିନେଇ ମାଡ଼ ମାରିବାରୁ ସେ ଆହତ ହୋଇଥିବା ମଙ୍ଗଳବାର ତାଙ୍କ ପିତା କୈଳାସଚନ୍ଦ୍ର ରାଉତ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ଜଣାପଡିଛି, ରାତିରେ ପ୍ରାୟ ୮ଜଣ ପୋଲିସ କର୍ମଚାରୀ ଆସି କୈଳାସଙ୍କ ଘର କବାଟ ବାଡେଇଥିଲେ। କୈଳାସଙ୍କ ପୁଅ ଶକ୍ତି ରଞ୍ଜନ କବାଟ ଖୋଲିବା ପରେ ପୋଲିସ କର୍ମଚାରୀମାନେ ଧସେଇପଶି ମଝିଆ ପୁଅ ସୌମ୍ୟରଞ୍ଜନ ରାଉତଙ୍କୁ ଘୋସାରି ନେବା ସହ ଗାଳିଗୁଲଜ କରିଥିଲେ। ଏହାପରେ ସାନପୁଅ ଶକ୍ତିରଞ୍ଜନଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଏଥିରେ ଶକ୍ତି ରଞ୍ଜନଙ୍କ ୨ଟି ଦାନ୍ତ ଭାଙ୍ଗିବା ସହିତ ସେ ଗୁରୁତର ହୋଇଥିଲେ। ପୋଲିସ ତାଙ୍କ ମଝିଆ ପୁଅକୁ ନେଇଯାଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ବିଧିବଦ୍ଧ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୈଳାସ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ କହିଛନ୍ତି, ଏକ ଅପରାଧିକ ଘଟଣାରେ ପଚରାଉଚରା କରିବା ପାଇଁ ଜଣଙ୍କୁ ଆଣିବା ପାଇଁ ଯାଇଥିଲୁ। ତାଙ୍କୁ ଆଣିବା ସମୟରେ ଧସ୍ତାଧସ୍ତି ହୋଇଥିଲା। ତାଙ୍କ ତରଫରୁ ମଧ୍ୟ ଆକ୍ରମଣରେ ଜଣେ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି।

# ପ୍ରଥମ ବାଟାଲିୟନ ପରିସରରେ ଚାରା ରୋପଣ



ପ୍ରଥମ ବାଟାଲିୟନ୍ ପରିସରରେ ଚାରା ରୋପଣ କରାଯାଉଛି।

ଢେଙ୍କାନାଳ,୩୦।୭(ରତନ ନାୟାର)

ଢେଙ୍କାନାଳ–କପିଳାସ ରାସ୍ତାର ସରଖିଆସ୍ଥିତ ଓଏସ୍ଏପି ଫାଷ୍ଟ ବାଟାଲିୟନ ପରିସରରେ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସାହା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୨୧୦ଟି ଆମ୍ବ ଓ ପଣସ ଚାରା ଲଗାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ଜୀବନ ବାବାଙ୍କ ଉପସ୍ଥିତିରେ ବାଟାଲିୟନ କମାଣ୍ଡାଣ୍ଟ ମନୋଜ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ କମାଣ୍ଡାଣ୍ଟ ଓମପ୍ରକାଶ ରାଜଗୌରିଆ, ଅଶୋକ କୁମାର ରଥ, ସୁବେଦାର ଜ୍ୟୋତି ପ୍ରକାଶ ପଟ୍ଟନାୟକ ସମେତ ଶତାଧିକ ପୋଲିସ କର୍ମଚାରୀ ଚାରା ରୋପଣ କରିଥିଲେ। ପରିବେଶ ସନ୍ତୁଳନ କିପରି ବଜାୟ ରହିବ, ସେହି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି କମାଣ୍ଡାଣ୍ଟ ମନୋଜ କୁମାର ଦାସ ଜଣାଇଛନ୍ତି।

# ନାବାଳକ ବାଇକ୍ ଚାଳନା ତନାଘନା ଯାଞ୍ଚ

## ୭ ଗାଡ଼ି ଜବତ, ୨୫ ହଜାର ଟଙ୍କା ଲେଖାଏ ଜରିମାନା

ଢେଙ୍କାନାଳ,୩୦।୭(ରତନ ନାୟାର)

ଢେଙ୍କାନାଳ ଜିଲାରେ ନାବାଳକ ବାଇକ୍ ଚାଳନାକୁ ନେଇ ଦୁଇଦିନ ହେବ ଜିଲା ଆଞ୍ଚଳିକ ପରିବହନ ବିଭାଗ ତରଫରୁ ତନାଘନା ଯାଞ୍ଚ କରାଯାଉଛି। ମଙ୍ଗଳବାର ଜିଲାର ବିଭିନ୍ନ ସ୍ଥାନରେ ହୋଇଥିବା ଯାଞ୍ଚରେ ନାବାଳକ ମାନେ ଚଳାଉଥିବା ୭ଟି ବାଇକ୍ ତଥା ସ୍କୁଟିକୁ ଜବତ କରାଯାଇଛି। ସେମାନଙ୍କୁ ୨୫ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ୫ଟି ଗାଡ଼ିକୁ ଚାଳକ ନାବାଳକମାନଙ୍କ ଅଭିଭାବକମାନେ ଲିଖିତ ରାଜିନାମା କରି ନେଇଥିବା ବେଳେ ୨ଟି ଗାଡ଼ି ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଜବତ କରି ରଖାଯାଇଛି। ଏହି ଗାଡ଼ି ଚଳାଉଥିବା ନାବାଳକଙ୍କ କୌଣସି ଅଭିଭାବକ ଆସି ନ ଥିବାରୁ ୨ଟି ଯାକ ଗାଡ଼ି ଜବତ ହୋଇରହିଛି। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର ଓ ମୋଟରଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ ଓ ଟ୍ରାଫିକ ଇନ୍ସପେକ୍ଟର ଏନ୍.କେ. ଚିନାରା ଏହି ଯାଞ୍ଚ କରିଥିଲେ। ସୋମବାର ଜିଲାରେ ୪ଟି ବାଇକ ଜବତ ହୋଇଥିଲା।

# ତୃତୀୟ ଦିବସରେ ସଦର ବ୍ଲକ ବିଜୟୀ

## ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ

ଢେଙ୍କାନାଳ,୩୦।୭(ରତନ ନାୟାର)

ଢେଙ୍କାନାଳ ଟାଉନ କ୍ଲବ ଓ ଜିଲା କ୍ରୀଡ଼ା ସଂଘର ମିଳିତ ସହଯୋଗରେ ଢେଙ୍କାନାଳ ଷ୍ଟାଡିୟମ୍‌ଠାରେ ଚାଲିଥିବା ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ମେମୋରିଆଲ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ପ୍ରତିଯୋଗିତାରର ମଙ୍ଗଳବାର ତୃତୀୟ ଦିବସରେ ସଦର ବ୍ଲକ୍ ଫୁଟ୍‌ବଲ ଦଳ ଓ ଭୁବନ ବ୍ଲକ ଫୁଟ୍‌ବଲ ଦଳ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ତୃତୀୟ ଦିବସରେ ମହମ୍ମଦ ଆଜାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଦର ବ୍ଲକ୍ ଫୁଟ୍‌ବଲ ଟିମ୍ ୩–୦ ଗୋଲରେ ଭୁବନ ବ୍ଲକ ଟିମ୍‌କୁ ପରାସ୍ତ କରଥିଲା। ରେଫରି ଭାବେ ମହେଶ ପ୍ରଧାନ ପରିଚାଳନା କରିଥିଲେ। ଅମୂଲ୍ୟ ସାମଲ, ଶୁଭ୍ରଜିତ୍ ସ୍ୱାଇଁ ଓ ଦେବରାଜ ସ୍ୱାଇଁ ସହଯୋଗ କରିଥିଲେ। ମାୟାଧର ସାହୁ ମ୍ୟାଚ୍ କମିଶନର ରହିଥିଲେ। ଟାଉନ କ୍ଲବ ସଭାପତି ନବୀନ ଚନ୍ଦ୍ର ନାରାୟଣ ଦାସ, ପ୍ରଦୀପ୍ତ ତ୍ରିପାଠୀ, ଅଭିଜିତ୍ ମିଶ୍ର, ଶିବସାଇ ମହାପାତ୍ର, ସଞ୍ଜୀବ ତ୍ରିପାଠୀ, ଶୁଭ୍ରାଂଶୁ ଦଳେଇ, ଅସିମ୍ କୁମାର ଦାସ, ରାମକୃଷ୍ଣ ବେହେରା, ଦେବକାନ୍ତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ ଦାସ, ସୁନୀଲ ପଣ୍ଡା, ସଞ୍ଜୟ ଭଞ୍ଜ, ଗୌରାଙ୍ଗ ସେଠୀ, ପ୍ରଦ୍ୟୁମ୍ନ ପାଢ଼ୀ ଓ ଶ୍ୟାମସୁନ୍ଦର ପ୍ରମୁଖ ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।


ପ୍ରତିଯୋଗିତାର ତୃତୀୟ ଦିବସରେ ଅତିଥି ଓ ଖେଳାଳିମାନେ।

# କେଜ୍‌ରିୱାଲଙ୍କୁ ଜେଲରେ ରଖିବା ମୋଦିଙ୍କ କେବଳ ଭୟ

## ଏଏପି ଜିଲା କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଢେଙ୍କାନାଳ,୩୦।୭(ରତନ ନାୟାର)

ଢେଙ୍କାନାଳ ଜିଲା ଆମ୍ ଆଦମୀ ପାର୍ଟି (ଏଏପି)ର ଜିଲା କାର୍ଯ୍ୟକର୍ତ୍ତା ସମ୍ମିଳନୀ ମଙ୍ଗଳବାର ସହରସ୍ଥିତ ଗୋପବନ୍ଧୁ ଟାଉନହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ପଙ୍କଜ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଏଏପିର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଯୋଗଦେଇ ଦଳର ନୀତି ଆଦର୍ଶ ବିଷୟରେ ଆଲୋକପାତ କରିଥିଲେ। ସେ କହିଥିଲେ, ଏଏପି ସାଧାରଣ ଜନତାଙ୍କ ଦଳ। ଏଠାରେ ଗରିବ ଘରର ଝିଅପୁଅମାନେ ମଧ୍ୟ ନିର୍ବାଚନ ଲଢ଼ି ଲୋକଙ୍କ ସେବା କରିପାରିବେ। ଏଥିସହ ସଙ୍ଗଠନକୁ ମଜଭୁତ କରିବା ପାଇଁ ସେ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ବିନା ଦୋଷରେ ଏଏପିର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜରିୱାଲଙ୍କୁ ଜେଲରେ ରଖିବା ଭାଜପା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କେବଳ ଭୟ ବୋଲି ସେ କହିଥିଲେ। କେନ୍ଦ୍ରାପଡା ଜିଲା ସଭାପତି ସନ୍ଦୀପ ଦାଶ ଓ ରାଜ୍ୟ ସଙ୍ଗଠନ ସମ୍ପାଦକ ଭରତ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଜିଲା ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ୫୦ରୁ ଅଧିକ ନୂତନ କର୍ମୀଙ୍କୁ ଦଳରେ ସାମିଲ କରାଯିବା ସହିତ ବିଭିନ୍ନ ପଞ୍ଚାୟତ, ଜୋନ୍ ଓ ବ୍ଲକ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପୂର୍ବତନ ବିଧାୟକ ପ୍ରାର୍ଥୀ ଦେବାଶିଷ ନନ୍ଦଙ୍କ ସମେତ ଉମାନନ୍ଦ ସାହୁ, ସୁଭଦ୍ରା ବେହେରା, ଶକ୍ତିରଞ୍ଜନ ମହାପାତ୍ର, ରାଜେଶ ପରିଡା, କୃଷ୍ଣ ଭୂତିଆ, ଟୁନା ନାୟକ, ଶ୍ରୀବସ୍ତ ନାୟକ, ସୁଶାନ୍ତ ସାହୁ, ସରୋଜ ଧଳ, ରୁନୁବାଳା ଚିନାରା, ଦେବାଶିଷ ପ୍ରଧାନ, ମହେଶ୍ୱର ସାହୁ, ସୁବାସ ପଧାନ, ୫ଜଣ ଅବସରପ୍ରାପ୍ତ ସୈନିକ ଗଣେଶ୍ୱର ପରିଡା, ରତିରଞ୍ଜନ ଜେନା, ପ୍ରଦୀପ ଧୀର, ଦୁଷ୍ମନ୍ତ ମହାନ୍ତି, ଅର୍ଦ୍ଧେନ୍ଦୁ ଶେଖର ବରାଳ ପ୍ରମୁଖ ଦଳରେ ଯୋଗ ଦେଇଥିଲେ। ଅନୁଗୋଳ ଜିଲା କାର୍ଯ୍ୟକାରୀ ସଭାପତି ବିକ୍ରମ ରାଉତ, ରାଜ କୁମାର ପ୍ରଧାନ, ଶେଷଦେବ ବେହେରା, ଅମର ବେହେରା, ବିକାଶ ଦାସ, କୃପାସିନ୍ଧୁ ଦେହୁରୀ, ଅନିଲ ସାମଲ ଓ ଜୟନ୍ତ ଦାସଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଜିଲା ଉପସଭାପତି ଜିତେନ୍ଦ୍ର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।


ଆମ୍ ଆଦ୍‌ମୀ ପାର୍ଟିର ଜିଲା କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଉପସ୍ଥିତ ନେତୃବୃନ୍ଦ।

# ନଜର ଆଢୁଆଳରେ ପିଙ୍ଗଳେଶ୍ୱର ମହାଦେବଙ୍କ ମନ୍ଦିର

■ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଅଛି ଭିତ୍ତିଭୂମି
■ଭଲ ରାସ୍ତା ନାହିଁ, ବିକାଶ ଦିଗରେ ଦିଆଯାଉନି ଦୃଷ୍ଟି

ବଆଁରପାଳ,୩୦।୭(ସୁବାସ ସାହୁ)

କୁଳୁ କୁଳୁ ନାଦ କରି ବହିଯାଉଛି ନନ୍ଦିରା ନଦୀ। ନିକଟରେ ରହିଛି ବାବା ପିଙ୍ଗଳେଶ୍ୱରଙ୍କ ମନ୍ଦିର। ପରିବେଶ ଯେତିକି ଶାନ୍ତ, ମନ୍ଦିରର କାରୁକାର୍ଯ୍ୟ ସେତିକି ସୁନ୍ଦର। ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବେଶ୍ ଭିତ୍ତିଭୂମି ରହିଛି ଏଠାରେ। ହେଲେ ଏହି ମନ୍ଦିରର ବିକାଶ ଦିଗରେ ଦିଆଯାଉନି ଦୃଷ୍ଟି। ବିଶେଷକରି ଏପରି ଏକ ଭାବଭକ୍ତିମୟ ପରିବେଶକୁ ବାରମ୍ବାର ଆସିବାକୁ ପସନ୍ଦ କରୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ନାହିଁ ଭଲ ରାସ୍ତାଟିଏ।

ଅନୁଗୋଳ ଜିଲା ବଆଁରପାଳ ବ୍ଲକ ପିଙ୍ଗୁଆ ଗ୍ରାମରେ ରହିଛି ବାବା ପିଙ୍ଗଳେଶ୍ୱର ମହାଦେବଙ୍କ ଏହି ମନ୍ଦିର। ଅଞ୍ଚଳବାସୀଙ୍କ କହିବା ଅନୁସାରେ ପ୍ରାୟ ୨୦୦ ବର୍ଷରୁ ଅଧିକ ହେବ ମହାଦେବ ପଙ୍ଗଳେଶ୍ୱର ନନ୍ଦିରା ନଦୀ କୂଳର ଅତ୍ୟନ୍ତ ଶାନ୍ତ, ସୋନ୍ଦର୍ଯ୍ୟମୟ ପରିବେଶରେ ବିରାଜମାନ କରିଛନ୍ତି। ମହାଦେବଙ୍କ କୃପା ଲାଭ କରିବା ପାଇଁ ବହୁ ଦୂର ଦୂରାନ୍ତରୁ ଭକ୍ତମାନେ ଏଠାକୁ ଧାଇଁ ଆସନ୍ତି। ମହାଦେବଙ୍କ ଏହି ମନ୍ଦିରରେ ମା' ପାର୍ବତୀଙ୍କ ମନ୍ଦିର, ଶନିଦେବଙ୍କ ମନ୍ଦିର, ମା' କାଳୀଙ୍କ ମନ୍ଦିର ମଧ୍ୟ ବିଦ୍ୟମାନ। ଉତ୍କଳୀୟ କଳା, ଭାସ୍କର୍ଯ୍ୟରେ ନିର୍ମିତ ଏହି ମନ୍ଦିରର କାରୁକାର୍ଯ୍ୟ ଶ୍ରଦ୍ଧାଳୁମାନଙ୍କୁ ବିମୋହିତ କରୁଛି। ପାର୍ଶ୍ୱ ଦେବଦେବୀ, ମନ୍ଦିର ଦାଧିନଉତିରେ ସିଂହ ଚିତ୍ର ସମସ୍ତଙ୍କୁ ଆକୃଷ୍ଟ କରୁଛି। ମନ୍ଦିରର ବାମ ଭାଗରେ ରାମ ଭକ୍ତ ମହାବଳୀ ହନୁମାନଙ୍କ ଜପ କରୁଥିବା ମୂର୍ତ୍ତି ଥିବାବେଳେ ମନ୍ଦିର ପଛରେ ଶିବଙ୍କ ଏକ ମୂର୍ତ୍ତି, ବନବାସ ସମୟରେ ପ୍ରଭୁ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ ଓ ମାତା ସୀତାଙ୍କ ମୂର୍ତ୍ତି ରହିଛି। ମନ୍ଦିର ପାଚେରିରେ ହୋଇଥିବା କାରୁକାର୍ଯ୍ୟ ମଧ୍ୟ ଆକର୍ଷଣୀୟ ହୋଇଛି। ବହୁ ଭକ୍ତ ନିଜର ଅଭିଳାଷ ଓ ମନସ୍କାମନା ପୂରଣ ପାଇଁ ମହାଦେବଙ୍କ ପାଖରେ ଗୁହାରି କରିଥାନ୍ତି। ପର୍ବ ପର୍ବାଣିରେ ବିଶେଷକରି ଶିବରାତ୍ରି, ପଞ୍ଚକ, ଶ୍ରାବଣରେ କାଉଡ଼ିଆଙ୍କ ଜଳଲାଗି, ରୁଦ୍ରାଭିଷେକ, ଜଳାଭିଷେକ ଆଦି ପାଇଁ ପ୍ରବଳ ଭିଡ଼ ହୋଇଥାଏ। ବିବାହ ଓ ବ୍ରତଘର ଆଦି ମାଙ୍ଗଳିକ କାର୍ଯ୍ୟ ପାଇଁ ମଧ୍ୟ ଏଠାକୁ ଲୋକେ ଆସିଥାନ୍ତି। ଗାଁ ନିକଟ ୨ ଏକର ଜାଗାରେ ଏହି ମନ୍ଦିର ଥିବାବେଳେ ଏଠାକୁ ଯାତାୟାତ ପାଇଁ ଭଲ ରାସ୍ତାଟିଏ ନାହିଁ। ରାଜ୍ୟ ସରକାର, ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିକାଶ କାର୍ଯ୍ୟ କଲେ ଏହା ଏକ ପର୍ଯ୍ୟଟନର କେନ୍ଦ୍ର ହୋଇପାରନ୍ତା ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି।


ପିଙ୍ଗଳେଶ୍ୱର ମନ୍ଦିର ପ୍ରବେଶ ଦ୍ୱାର।





# ମେଗା ଜଳ ପ୍ରକଳ୍ପ ସହ ବିସ୍ଥାପନ ପ୍ରସଙ୍ଗ ଉଠାଇଲେ ବିଧାୟକ

ବିଧାନସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ

ବଇଣ୍ଡା,୩୦।୭(ପରିକ୍ଷିତ ସାହୁ)



ଅନୁଗୋଳ ଜିଲା ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଚଳିତ ବିଧାନସଭା ଅଧିବେଶନରେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଧାୟକ ପ୍ରଧାନ ପ୍ରଥମେ ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଓଲଥ ଓ ବାସୁଦେବପୁର ଠାରେ ନିର୍ମାଣ ହେଉଥିବା ମେଗା ଜଳସେଚନ ପ୍ରକଳ୍ପ କେବେ ସମ୍ପୂର୍ଣ୍ଣ ହେବ ସେ ନେଇ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବା ସହ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସେ ଦାବି କରିଥିଲେ। ସେହିପରି ସାତକୋଶିଆ ଅଭୟାରଣ୍ୟ ନିକଟରେ ଥିବା ଟିକରପଡ଼ା, ଗଇଦି, ବେହେରାସାହି, ମଝିପଡ଼ା ଅଞ୍ଚଳବାସୀ ମହାନଦୀ ପାଣି ବ୍ୟବହାର କରୁଥିବା ବେଳେ ସେମାନେ କୁମ୍ଭୀର ଆକ୍ରମଣର ଶିକାର ହେଉଛନ୍ତି। ତେଣୁ ନଦୀର ଉକ୍ତ ଅଞ୍ଚଳକୁ ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇ ଲୋକଙ୍କ ପାଇଁ ସୁରକ୍ଷିତ କରିବାକୁ ତାର ବାଡ଼ ଦେବା ପାଇଁ ବିଧାୟକ ଦାବି କରିଥିଲେ। ଏଥିସହ କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଥିବା ପିଲାଙ୍କ ପରିବାରକୁ ଥଇଥାନ କରିବା ପାଇଁ ସରକାରଙ୍କ ନିକଟରେ ଦାବି କରିଥିଲେ। ସେହିପରି ପୁରୁଣାକୋଟ ପଞ୍ଚାୟତର ଭୃକୃଣ୍ଡି ଗ୍ରାମର ବିସ୍ଥାପନ ପାଇଁ ପୂର୍ବରୁ ପଲ୍ଲୀସଭା, ଗ୍ରାମସଭା କରା ନ ଯାଇ ବିସ୍ଥାପନ କରାଯାଇଛି। ଏଥିପ୍ରତି ଦୃଷ୍ଟି ଦେବାକୁ ବିଧାୟକ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାନସଭାରେ ଅଞ୍ଚଳବାସୀଙ୍କ ସମସ୍ୟା ଉଠାଇ ଥିବାରୁ ବିଧାୟକଙ୍କୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ସାରେଗାମା ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନାଲ୍କୋ କମ୍ୟୁନିଟି ସେଣ୍ଟରଠାରେ ଶୋକସଭା

ନାଲ୍କୋ,୩୦।୭(ଲୁସି ରାଉତ)



ସାରେଗାମା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ବିଶିଷ୍ଟ ଅଭିନେତା, ନିର୍ଦ୍ଦେଶକ ଓ ସଙ୍ଗଠକ ଶରତ ଚନ୍ଦ୍ର ମାଝୀଙ୍କ ବିୟୋଗରେ ନାଲକୋନଗରସ୍ଥିତ ସେବା ଓ ସାଂସ୍କୃତିକ ଅନୁଷ୍ଠାନ ସାରେଗାମା ତରଫରୁ ନାଲ୍କୋ କମ୍ୟୁନିଟି ସେଣ୍ଟରଠାରେ ଏକ ଶୋକସଭା କରାଯାଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାରେଗାମାର ସଭାପତି ତଥା ନାଲ୍କୋ ଜିଜିଏମ୍ (ସିପିପି) ଅମରେନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ସାରେଗାମାର ମୁଖ୍ୟ ପରାମର୍ଶଦାତା ତଥା ଉପଦେଷ୍ଟା ଜିଏମ୍ ରାଜାରାମ ମିଶ୍ର, ଦେବବ୍ରତ ପଟ୍ଟନାୟକ, ବୈରାଗୀ ମଲ୍ଲିକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ମାଝୀ ସାରେଗାମାର ଜଣେ ପ୍ରତିଷ୍ଠାତା ସଦସ୍ୟ ତଥା ପ୍ରଥମ ନାଟକ ପରିବେଷଣର ନିର୍ଦ୍ଦେଶନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଅତିଥି ସ୍ୱାଇଁ, ଉପ ସଭାପତି କିଶୋର କୁମାର ବେହେରା, ତପନ ମିଶ୍ର, ଭବେସ ସେଠ, ଶୁଭେନ୍ଦୁ ମହାନ୍ତି, ରମେଶ ସାହୁ, ନଳିନୀକାନ୍ତ ପଣ୍ଡା, ପୀୟୂଷ ରଞ୍ଜନ ପତି, ଶ୍ରୀନିବାସ ସାହୁ, ମାଧବ ସେଠୀ, ପ୍ରଶାନ୍ତ ଦେହୁରୀ, ଗୌତମ ନାୟକ, ଶିବରାମ ସେଠୀ, ଅନୀଲ ଗଡ଼ନାୟକ, ଜିତେନ୍ଦ୍ର ଆଲୁକ, ଦୀପକ ସାମଲ, ବସନ୍ତ ନାୟକ, ରଶ୍ମିତା ବେହେରା, ଲଳିତ ମହାପାତ୍ର ଓ ଟାଏକୋଣ୍ଡୋର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବଇଣ୍ଡା,୩୦।୭(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମର ଧର୍ମ ପରାୟଣା ମହିଳା ରୋଜାଲିନ ବେହେରାଙ୍କ ମଙ୍ଗଳବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ତଳେ ବାଥରୁମରେ ଖସି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ କଟକର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ପରେ ତାଙ୍କୁ ସୋମବାର ଘରକୁ ଅଣାଯାଇଥିଲା। ହେଲେ ମଙ୍ଗଳବାର ତାଙ୍କର ପରଲୋକ ହୋଇଯାଇଥିଲା।



ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଆଖପାଖ ଅଞ୍ଚଳର ବହୁ ଲୋକ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ୨ ପୁଅ, ସ୍ୱାମୀ ଓ ପରିବାର ଲୋକେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# କ୍ୟାଟ୍ ଅନୁଗୋଳ ଶାଖାର ବଜେଟ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାମାନେ।

ଅନୁଗୋଳ,୩୦।୭ (ଜ୍ୟୋତିରଞ୍ଜନ ସାହୁ)

କନ୍‌ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (କ୍ୟାଟ) ଅନୁଗୋଳ ଜିଲା ଶାଖା ତରଫରୁ ମଙ୍ଗଳବାର ସ୍ଥାନୀୟ ମାରୱାଡି ଯୁବା ଭବନଠାରେ ଏକ ବଜେଟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାପତି କମଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆୟକର ମୁଖ୍ୟ କମିଶନର ଶରତ କୁମାର ଦାସ ଯୋଗଦେଇ ଚଳିତବର୍ଷ କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣାଯାଇଥିବା ବଜେଟର ସରଳ ଭାବେ ବ୍ୟାଖ୍ୟା କରିଥିଲେ। ମୁଖ୍ୟବକ୍ତା ଭାବରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜା ନାରାୟଣ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୁଶାନ୍ତ କୁମାର ଖଟୁଆ ଯୋଗଦେଇ ବ୍ୟବସାୟୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। କ୍ୟାଟ ଅନୁଗୋଳ ଚେୟାରମ୍ୟାନ ରାଜ କୁମାର ଶୁକ୍ଳା ଓ ଆନନ୍ଦ ଅଗ୍ରୱାଲ, ସମ୍ପାଦକ ରୋହିତ ଲିହାଲା, ଉପସଭାପତି ଆଶିଷ ଅଗ୍ରୱାଲ, କୈଳାସ ଜିନ୍ଦଲ, ଉପଦେଷ୍ଟା ଜିତେନ୍ଦ୍ର ଗୁପ୍ତା, ସୁଦର୍ଶନ ଅଗ୍ରୱାଲ, ବିଭିନ୍ନ ସଙ୍ଗଠନରୁ ଆସିଥିବା ବୁଦ୍ଧିଜୀବୀ, ବ୍ୟବସାୟୀ ଓ କ୍ୟାଟର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ନାଟ୍ୟମ ପକ୍ଷରୁ ଶୋକସଭା

ଅନୁଗୋଳ,୩୦।୭ (ଜ୍ୟୋତିରଞ୍ଜନ ସାହୁ)

ବିଶିଷ୍ଟ ଅଭିନେତା, ନିର୍ଦ୍ଦେଶକ ଓ ସଙ୍ଗଠକ ଶରତ ଚନ୍ଦ୍ର ମାଝୀଙ୍କ ବିୟୋଗରେ ନାଟ୍ୟମ ଅନୁଗୋଳ ତରଫରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାସନ୍ତୀ ଦୁର୍ଗା ସମ୍ମିଳନୀ କକ୍ଷରେ ସୁଧାଂଶୁ ମୋହନ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକ ସଭାରେ ବସନ୍ତ କୁମାର ଦାସ, ଦୀପକ କୁମାର ଘୋଷ, ନିଝାର ଅଲ୍ଲୀ, ରବୀନ୍ଦ୍ରନାଥ ସାହୁ, ବଟକୃଷ୍ଣ ତ୍ରିପାଠୀ, ହୃଦାନନ୍ଦ ପଣ୍ଡା, ଅକ୍ଷୟ କୁମାର ପଣ୍ଡା, ସୁଧାଂଶୁ କୁମାର ଜେନା, ପ୍ରତାପ କୁମାର ମାଝୀ ଓ ବିପିନ ଗଡ଼ନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସ୍ୱର୍ଗତ ମାଝୀଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ।


ଶୋକସଭାରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ପରିବେଶ ମଞ୍ଜୁରୀ ନିମନ୍ତେ ଜନଶୁଣାଣି

ତାଳଚେର,୩୦।୭(ମନୋଜ ନନ୍ଦ)

ତାଳଚେର ତହସିଲ ଅନ୍ତର୍ଗତ ରେମୁଆଁ ଗ୍ରାମରେ ଥିବା ମେସର୍ସ କେଆର୍ ଏଣ୍ଟରପ୍ରାଇଜେସ୍‌ର କୋଇଲା କ୍ରଶିଂ ଓ ସ୍କ୍ରିନିଂପ୍ଲାଣ୍ଟର ଅତିରିକ୍ତ ୨.୪ ଏମ୍‌ଟିପିଏ କ୍ଷମତା ବିଶିଷ୍ଟ କୋଲ୍ ୱାସରି ୟୁନିଟ ସ୍ଥାପନର ପରିବେଶ ମଞ୍ଜୁରୀ ନିମନ୍ତେ ଜନଶୁଣାଣି ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସ୍ଥାନୀୟ ଯୁବଜ୍ୟୋତି ରେମୁଆଁ କ୍ଲବଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ରମେଶ ଚନ୍ଦ୍ର ଏକ୍କାଙ୍କ ଆବାହକତ୍ୱରେ ଏହି ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ଏବଂ ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ଉପସ୍ଥିତ ଜନସାଧାରଣଙ୍କୁ ସ୍ୱାଗତ କରିବା ସହିତ ଜନଶୁଣାଣି ସମ୍ପର୍କରେ ବିଭିନ୍ନ ଦିଗ ଉପରେ ସୂଚନା ଦେଇଥିଲେ।


ଜନଶୁଣାଣିରେ ମଞ୍ଚାସୀନ ଅଧିକାରୀମାନେ।

ପରେ କମ୍ପାନୀର ଅଧିକାରୀ ଦିଲୀପ କୁମାର ପାଲ ଓ ରାମେଶ୍ୱର ବେହେରା କମ୍ପାନୀ ସମ୍ପର୍କରେ ବିଶଦ ଭାବେ ସୂଚନା ପ୍ରଦାନ କରିଥିଲେ। ବାବୁଲାଲ ଖଣ୍ଡୁଆଳ, ଦିଲୀପ ପାଣି, ଆଇନଜୀବୀ ପେସ୍କାର ଗଡ଼ନାୟକ, ଦେବାଶିଷ ଘୋଷ, ପରିବେଶବିତ୍ ବାଉରୀବନ୍ଧୁ ବେଜ, ରାମଚନ୍ଦ୍ର ରାଉତରାୟ, ପୂର୍ଣ୍ଣଚନ୍ଦ୍ର ସାହୁ, ଗିରିଜାଶଙ୍କର ମିଶ୍ର, କାଉନସିଲର ସଞ୍ଜୀବ ଗଡ଼ନାୟକ, ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ। ବହୁମତାଧିକାରୀ ପ୍ଲାଣ୍ଟ ସପକ୍ଷରେ ଓ କେତେଜଣ ନିଯୁକ୍ତି, ପ୍ରଦୂଷଣ ନିରାକରଣ, ବ୍ୟାପକ ଚାରା ରୋପଣ, ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ସହ ଅନୁଗୋଳ ବିଧାୟକଙ୍କ ଆଲୋଚନା

ଅନୁଗୋଳ,୩୦।୭ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟ ସଚିବାଳୟରେ ସାକ୍ଷାତ କରି ଆଲୋଚନା କରିଛନ୍ତି। ଅନୁଗୋଳର ବ୍ଲକ, ବିଭିନ୍ନ ପଞ୍ଚାୟତର ସମସ୍ୟା, ସ୍ୱାସ୍ଥ୍ୟସେବା ଏବଂ ସହରର ପରିମଳ ବ୍ୟବସ୍ଥାର କିପରି ସ୍ଥାୟୀ ସମାଧାନ କରାଯିବ ସେ ନେଇ ବିଧାୟକ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ଦିନରେ ଅନୁଗୋଳ ସହରକୁ ଏକ ନମ୍ବର ସହର କରାଯିବା ବିଷୟରେ ଆଲୋଚନା କରିଥିଲେ।


ମୁଖ୍ୟମନ୍ତ୍ରୀଙ୍କୁ ସଚିବାଳୟରେ ସାକ୍ଷାତ କରୁଛନ୍ତି ଅନୁଗୋଳ ବିଧାୟକ।

# ଶିଶୁ ଶ୍ରମିକ ଚାଲାଣ ବନ୍ଦ ନେଇ ସଚେତନତା



ବଇଣ୍ଡା,୩୦।୭(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ସାପଘରା ସଭାଗୃହ ପରିସରରେ ମଙ୍ଗଳବାର ବିଶ୍ୱ ଯୁବକେନ୍ଦ୍ର ବଣିନାଳୀ ପକ୍ଷରୁ ଶିଶୁ ଶ୍ରମିକ ଚାଲାଣ ବନ୍ଦ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱଯୁବ କେନ୍ଦ୍ରର କର୍ମଚାରୀ ପୂଜା ସ୍ୱାଇଁ ଯୋଗଦେଇ କିଭଳି ଭାବେ ଶିଶୁ ଚାଲାଣ ବନ୍ଦ କରିପାରିବା ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ବସନ୍ତ କୁମାର ପ୍ରଧାନ ଯୋଗଦେଇ କହିଲେ, ସମସ୍ତଙ୍କ ସହଯୋଗରେ ଏହା କିପରି କରାଯାଇପାରିବ ସେ ନେଇ ସମସ୍ତେ ଏକଜୁଟ ହେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ୱାର୍ଡ ମେମ୍ବର, ସମିତି ସଭ୍ୟ, ଅଙ୍ଗନୱାଡି କର୍ମୀ,ସିଆର୍‌ପି, ଏମବିକେ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଯୁବତୀଯୁବକମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁମାନଙ୍କ ସୁରକ୍ଷା ଅଧିକାର, ବାଲ୍ୟ ବିବାହ, ଶିଶୁ ଚାଲାଣ ଏବଂ ଶିଶୁ ଯୌନ ନିର୍ଯାତନା ଭଳି ସମସ୍ୟାରୁ କିପରି ଭାବେ ଶିଶୁଙ୍କୁ ସୁରକ୍ଷା ଦେଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ ଚନ୍ଦ୍ର ପ୍ରଧାନ, ସପଘରା ହାଇସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସାହୁ, ଅଙ୍ଗନୱାଡି କର୍ମୀ ମୋନାଲିସା ନାୟକ, ଲବଙ୍ଗଲତା ପ୍ରଧାନ, ଝିଲି ପ୍ରଧାନ, ସମିତି ସଭ୍ୟ ଦିଲୀପ କୁମାର ନାୟକ, ସଙ୍ଗୀତା ନାୟକ, ଗୀତାଞ୍ଜଳି ସାହୁ, ସୁଲୋଚନା ପ୍ରଧାନ, ମାମିନା ସାହୁ, ସବିତା ନାୟକ, ରଜନୀ ନାୟକ ଉପସ୍ଥିତ ଥିଲେ। ଜ୍ୟୋସ୍ନିତା ପ୍ରଧାନ ପରିଚାଳନା କରିଥିଲେ।

## ଅବକାରୀ ଚଢ଼ାଉ, ୭ ଗିରଫ

ବଇଣ୍ଡା,୩୦।୭(ପରିକ୍ଷିତ ସାହୁ)

ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଠାକୁରଗଡ଼, ହଣ୍ଡପା, କିଶୋରନଗର ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ବ୍ୟାପକ ଚୋରା ମଦ ଜବତ କରାଯାଇଛି। ଏଥିସହ ୭ ଜଣଙ୍କୁ ଗିରଫ କରାଯାଇଛି। ଠାକୁରଗଡ଼ ଥାନା କରଡ଼ାବାହାଳୀ ଗ୍ରାମରେ ଚଢ଼ାଉ କରାଯାଇ ଭାସ୍କର ସାହୁଙ୍କ ଘରୁ ୧୮ ଲିଟର, ପାଇକସାହି ଗ୍ରାମର ଛବୀନ୍ଦ୍ର ପ୍ରଧାନଙ୍କ ଘରୁ ୩୦ ଲିଟର, କିଶୋରନଗର ଥାନା କୁସୁଣୀ ଗ୍ରାମର ପଦ୍ମାବତୀ ବେହେରାଙ୍କ ଘରୁ ୧୬ ଲିଟର, ଅଙ୍ଗପଡା ଗ୍ରାମର କୁନା ମିର୍ଦ୍ଧାଙ୍କ ଘରୁ ୨୦ ଲିଟର, କଦଳୀମୁଣ୍ଡା ଗ୍ରାମର ପଞ୍ଚାଳୀ ପ୍ରଧାନଙ୍କ ଘରୁ ୨୦ ଲିଟର, ନୂଆଁସୁସବ ଗ୍ରାମର ରଶ୍ମିତା ପ୍ରଧାନଙ୍କ ଘରୁ ୧୫ ଲିଟର, ହଣ୍ଡପା ଥାନା କଣ୍ଠାଳ ଗ୍ରାମର କୁନ୍ତଳା ପ୍ରଧାନଙ୍କ ଘରୁ ୨୨ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯିବା ସହ ଏମାନଙ୍କୁ ଗିରଫ କରାଯାଇଛି। ଆଠମଲ୍ଲିକ ଅବକାରୀ ନିରୀକ୍ଷକ ପବିତ୍ର ମୋହନ ମାଝୀଙ୍କ ନେତୃତ୍ୱ ରେ ଏହି ଚଢ଼ାଉ ହୋଇଥିଲା।

# ସୋମବାରଠାରୁ ଅର୍ଥନୈତିକ ଅବରୋଧ

ଛେଣ୍ଡିପଦା,୩୦।୭ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ୨ଟି କୋଇଲା ଖଣି ଥିବାବେଳେ ଛେଣ୍ଡିପଦା ବ୍ଲକରେ ଥିବା ଟ୍ରକ ମାଲିକ ସଂଘର ଗାଡ଼ିଗୁଡ଼ିକୁ ଲୋଡିଂ ମିଳୁନାହିଁ। ଏହାର ପ୍ରତିବାଦରେ ଆସନ୍ତା ସୋମବାର ଠାରୁ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଅର୍ଥନୈତିକ ଅବରୋଧ କରାଯିବାକୁ ମଙ୍ଗଳବାର ଅନୁଷ୍ଠିତ ସଂଘର ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ସଂଘ ପକ୍ଷରୁ କୁହାଯାଇଛି, ଦୀର୍ଘ ୮ ମାସ ହେବ ଛେଣ୍ଡିପଦା ଟ୍ରକ୍ ମାଲିକ ସଂଘର ଗାଡ଼ିଗୁଡ଼ିକୁ ଲୋଡିଂ ଦେବାକୁ ଦାବି କରାଯାଇ ଆସୁଥିବା ବେଳେ ଗତ ୧୨ ଫେବୃଆରୀରେ ଅନୁଗୋଳ ଉପଜିଲାପାଳଙ୍କ ଅଧକ୍ଷତାରେ ଖଣି କର୍ତ୍ତୃପକ୍ଷ, ଟ୍ରକ୍ ମାଲିକ, ଟ୍ରାନ୍ସପୋର୍ଟରମାନଙ୍କୁ ନେଇ ବୈଠକ କରାଯିବା ସହିତ ଲୋଡିଂ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ୬ମାସ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଛେଣ୍ଡିପଦାରେ ଥିବା ଟ୍ରକ୍‌ଗୁଡ଼ିକୁ ଲୋଡିଂ ମିଳିନାହିଁ। ଏ ନେଇ ଟ୍ରକ୍ ମାଲିକମାନେ ଜିଲାପାଳ, କେନ୍ଦ୍ର ଖଣିମନ୍ତ୍ରୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏହାକୁ ନେଇ ଟ୍ରକ୍ ମାଲିକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସଂକ୍ରାନ୍ତରେ ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରାଙ୍କ ତତ୍ତ୍ୱାବଧାନରେ ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସର୍ବ ସମ୍ମତି କ୍ରମେ ଆସନ୍ତା ସୋମବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଖଣି ରାସ୍ତାରେ ଧାରଣାରେ ବସିବା ସହିତ ଅର୍ଥନୈତିକ ଅବରୋଧ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଛେଣ୍ଡିପଦା ବ୍ଲକର ଶତାଧିକ ଟ୍ରକ୍ ମାଲିକ ଯୋଗ ଦେଇଥିଲେ।


ବୈଠକରେ ଉପସ୍ଥିତ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ।

